# ରାଜ୍ୟକୁ ବାହାରୁ ଆସିଛନ୍ତି ୭୮ ହଜାରରୁ ଅଧିକ

**ଭୁବନେଶ୍ୱର,୨୫।୩/ଏନ୍‌ଏନ୍‌ଏସ୍:**

କୋଭିଡ୍-୧୯ ବ୍ୟାପିବା ଅବଧି ମଧ୍ୟରେ ବାହାର ରାଜ୍ୟଗୁଡ଼ିକରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ୭୮ ହଜାର ୨୩୩ ଜଣ ବ୍ୟକ୍ତି ଆସିଛନ୍ତି । ଏହି ବ୍ୟକ୍ତିମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ମୁକ୍ତ ରଖିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଠିକ୍ ଜାଣିବା ପାଇଁ ସଙ୍ଗରୋଧର ଆବଶ୍ୟକତା ରହିଛି । ସେହିଦୃଷ୍ଟିରୁ ସେମାନଙ୍କୁ 'ହୋମ କ୍ୱାରେଣ୍ଟାଇନ'ରେ ରହିବା ପାଇଁ ପ୍ରୋତ୍ସାହିତ କରିବାକୁ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଅନୁରୂପ ଭାବେ ରାଜ୍ୟର ସମସ୍ତ ପଞ୍ଚାୟତ ସମିତି ଓ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ 'ହୋମ୍ କ୍ୱାରେଣ୍ଟାଇନ' ମାର୍ଗଦର୍ଶିକା କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଗଞ୍ଜାମ ଜିଲ୍ଲାକୁ ବାହାରୁ ସର୍ବାଧିକ ୧୧,୦୫୪ ଜଣ ଆସିଥିବା ବେଳେ ନବରଙ୍ଗପୁର ଜିଲ୍ଲାକୁ ସର୍ବନିମ୍ନ ୪୦୭ ଜଣ ଆସିଛନ୍ତି ।

ଅନ୍ୟପକ୍ଷରେ ବାଲେଶ୍ୱରକୁ ୬୪୪୨, କଳାହାଣ୍ଡିକୁ ୪୪୪୮, କେନ୍ଦ୍ରପଡ଼ାକୁ ୪୩୧୮, ଫୁଲବାଣୀକୁ ୪୩୦୬, ପୁରୀକୁ ୩୬୮୮, କଟକକୁ ୩୬୦୪ ଜଣ, ମାଲକାନଗିରିକୁ ୩୮୫୨ ଓ ମୟୂରଭଞ୍ଜକୁ ୩୩୨୬ ଜଣ ବ୍ୟକ୍ତି ଆସିଛନ୍ତି । ସେହିପରି ବଲାଙ୍ଗିରକୁ ୨୦୭୪, ଯାଜପୁରକୁ ୨୦୨୮, ଅନୁଗୁଳକୁ ୧୦୭୬, ବରଗଡ଼କୁ ୧୫୭୬, ଖୋର୍ଦ୍ଧାକୁ ୨୪୧୨, ଢେଙ୍କାନାଳକୁ ୧୦୨୧, ଗଜପତିକୁ ୨୮୪୯, ଜଗତସିଂହପୁରକୁ ୧୭୩୮, ଭଦ୍ରକକୁ ୧୯୭୨, କେନ୍ଦୁଝରକୁ ୧୯୪୫, କୋରାପୁଟକୁ ୨୨୩୮, ନୂଆପଡ଼ାକୁ ୧୯୧୦, ନୟାଗଡ଼କୁ ୨୧୧୫, ରାୟଗଡ଼ାକୁ ୨୩୬୯, ସମ୍ବଲପୁରକୁ ୧୦୨୦, ସୋନପୁରକୁ ୧୧୦୨, ସୁନ୍ଦରଗଡ଼କୁ ୧୨୦୧ ଜଣ ବ୍ୟକ୍ତି ଆସିଛନ୍ତି । ବୌଦ୍ଧକୁ ୧୦୧୩, ଦେବଗଡ଼କୁ ୫୭୦ ଓ ଝାରସୁଗୁଡ଼ାକୁ ୫୬୮ ଜଣ ବ୍ୟକ୍ତି ଆସିଛନ୍ତି ବୋଲି ରାଜ୍ୟ ସରକାରଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି ।

### ମେଡିକାଲ୍ ଉପକରଣ ଯୋଗାଇବାକୁ ଶିଳ୍ପ ସଂସ୍ଥାଙ୍କୁ ଅନୁରୋଧ

## ଆଗୁଆ ଔଷଧ ଯୋଗାଇଲେ ପ୍ରୋତ୍ସାହନ

**ଭୁବନେଶ୍ୱର:** ଓଡ଼ିଶାରେ ଥିବା ଶିଳ୍ପୋଦ୍ୟୋଗଗୁଡ଼ିକୁ ମେଡିକାଲ୍ ଉପକରଣ ଯଥା ପୋର୍ଟେବୁଲ୍ ଭେଣ୍ଟିଲେଟର, ମାସ୍କ ଓ ସାନିଟାଇଜର ଇତ୍ୟାଦି ପ୍ରଦାନ କରିବାକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି । ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋପରେଟିଭ୍ (ଇଫ୍‌କୋ) ଏ ଦିଗରେ ପ୍ରଥମେ ପଦକ୍ଷେପ ନେଇ ମେଡିକାଲ୍ ଉପକରଣ ଯୋଗାଇଥିବା ବେଳେ ଅନ୍ୟ ସଂସ୍ଥାଗୁଡ଼ିକ ମଧ୍ୟ ଏହି ଦିଗରେ କାର୍ଯ୍ୟ କରିବେ ବୋଲି ରାଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି । ବୁଧବାର ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସରକାରଙ୍କ ମୁଖପାତ୍ର ସୁବ୍ରତୋ ବାଗଚୀ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ଔଷଧ ନିଗମ ଶୀଘ୍ର ଔଷଧ ଓ ମେଡିକାଲ୍ ଉପକରଣ ଯୋଗାଉଥିବା ସଂସ୍ଥାଗୁଡ଼ିକ ପାଇଁ ପ୍ରୋତ୍ସାହନ ଘୋଷଣା କରିଛନ୍ତି । ସପ୍ତାହକ ମଧ୍ୟରେ ଯୋଗାଣ ପାଇଁ ୫୦ ପ୍ରତିଶତ, ୧୫ ଦିନ ମଧ୍ୟରେ ଯୋଗଣା ପାଇଁ ୨୫ ପ୍ରତିଶତ ଓ ମାସକ ମଧ୍ୟରେ ଯୋଗଣ ପାଇଁ ୧୦ ପ୍ରତିଶତ ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଅନୁରୂପ ଭାବେ ଉପକରଣ ପରିବହନ ବାବଦରେ ସମସ୍ତ ଖର୍ଚ୍ଚ ସମେତ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କାଯିବ ବୋଲି ନିଷ୍ପତ୍ତି ହୋଇଛି ।

ଅନ୍ୟପକ୍ଷରେ ରାଜ୍ୟରେ କୋଭିଡ୍-୧୯ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ସ୍ୱରୂପ ରାଜ୍ୟ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ଜିଲ୍ଲା ପାଇଁ ୪୪.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟର ସବୁ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିକୁ ଏହି ଟଙ୍କା ପ୍ରଦାନ କରାଯାଇଛି । ଗଞ୍ଜାମ ଓ ମାଲକାନଗିରି ଜିଲ୍ଲା ପାଇଁ ୩ କୋଟି ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ବାଲେଶ୍ୱର, ବରଗଡ଼, ବଲାଙ୍ଗିର, କଟକ, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ ସମ୍ବଲପୁର ଜିଲ୍ଲାକୁ ୨ କୋଟି ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି ।

ସେହିପରି ଅନୁଗୁଳ, ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼କୁ ୧ କୋଟି ଲେଖାଏଁ ଏବଂ ଦେବଗଡ଼ ଜିଲ୍ଲାକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେପଟେ ସାରା ରାଜ୍ୟରେ ପ୍ରାଣିସମ୍ପଦ ବିଭାଗୀୟ ସେବାକୁ ଅତ୍ୟାବଶ୍ୟକ ସେବା ଭାବେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏହି ସେବାକୁ ଲକ୍‌ଡାଉନ୍ ସମୟରେ କଟକଣା ମୁକ୍ତ କରାଯାଇଛି ।



## ଏପ୍ରିଲ୍ ୧୫ ଯାଏ ହାଇକୋର୍ଟ ବନ୍ଦ

**କଟକ:** ଭୟଙ୍କର କରୋନା ସଂକ୍ରମଣ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଗତକାଲି ସମ୍ପୂର୍ଣ୍ଣ ଦେଶକୁ ଲକ୍ ଡାଉନ୍ କରିବା ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟ ଏପ୍ରିଲ୍ ୧୫ ତାରିଖ ଯାଏ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି । ରେଜିଷ୍ଟ୍ରାର୍ ଜୁଡିସିଆଲ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏପରି ସୂଚନା ଦିଆଯାଇଛି । ତେବେ ଅତି ଜରୁରୀ ମାମଲା ଥିଲେ ଡେପୁଟି ରେଜିଷ୍ଟ୍ରାର୍‌ଙ୍କୁ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଇ-ମେଲ୍ ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି ।

## ଠିକାରେ ନିଯୁକ୍ତ ହେବେ ଅଧିକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ

**ଭୁବନେଶ୍ୱର:** କରୋନା ମୁକାବିଲା ପାଇଁ ରାଜ୍ୟରେ ଅଧିକ ସଂଖ୍ୟକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ୩ ମାସ ପାଇଁ ବା ଜୁନ ୩୦ ପର୍ଯ୍ୟନ୍ତ ଚୁକ୍ତି ଭିତ୍ତିରେ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦିଆଯିବ । ଦୈନିକ ପାରିଶ୍ରମିକ ଭାବେ ସ୍ପେଶାଲିଷ୍ଟମାନେ ୫ ହଜାର, ମେଡିକାଲ ଅଫିସର ୩ ହଜାର, ନର୍ସ ଏକ ହଜାର ଟଙ୍କା ପାଇବେ । ସେହିପରି ଉଭୟ ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୈନିକ ୮୫୦ ଟଙ୍କା ପ୍ରଦାନ କରାଯିବ । ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

## ଭବାନୀ ପଟ୍ଟନାୟକ ଅସୁସ୍ଥ

### ସ୍ୱତନ୍ତ୍ର ଟିମ୍ ଦ୍ୱାରା ଚିକିତ୍ସା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ଭବାନୀ ଚରଣ ପଟ୍ଟନାୟକ ଗୁରୁତର ଭାବେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୁଧବାର ସକାଳୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା । ହୃଦରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିବା ଶ୍ରୀ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗତ ହେବାପରେ ଦୁଃଖପ୍ରକାଶ କରିଛନ୍ତି । ଚିକିତ୍ସାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସହ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଗଠନ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ମନିଟରିଂ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

▶▶ ୭

## ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମିଳିବ ଆଗୁଆ ୪ ମାସର ଦରମା

**ଭୁବନେଶ୍ୱର:** କରୋନା ମୁକାବିଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଡାକ୍ତର, ପାରାମେଡିକାଲ ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ଆଗୁଆ ୪ମାସର ଦରମା ଦେବାକୁ ବୁଧବାର ଘୋଷଣା କରିଛନ୍ତି । ତେଣୁ ଡାକ୍ତର, ପାରାମେଡିକାଲ ଓ ସ୍ୱାସ୍ଥ୍ୟସେବାରେ ନିୟୋଜିତ ସବୁ କର୍ମଚାରୀଙ୍କୁ ଏପ୍ରିଲ, ମେ', ଜୁନ୍ ଓ ଜୁଲାଇ ମାସର ଦରମା ଏପ୍ରିଲ ମାସରେ ହିଁ ମିଳିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ ଜାଣନ୍ତି କରୋନା ଭାଇରସ୍ ଆଜି ସାରା ମାନବଜାତି ପାଇଁ ଏକ ବହୁତ ବଡ ଆହ୍ୱାନ ସୃଷ୍ଟି କରିଛି । କରୋନା ବିରୋଧରେ ଆମର ଲଢ଼େଇ ପାଇଁ ଫାଷ୍ଟ ଲାଇନ୍ ଅଫ୍ ଡିଫେନ୍ସରେ ଅଛନ୍ତି ଆମର ଡାକ୍ତରଙ୍କ ଠାରୁ ଆରମ୍ଭ କରି ପାରାମେଡିକକାଲ ଓ ସ୍ୱାସ୍ଥ୍ୟସେବାରେ ଲାଗିଥିବା କର୍ମଚାରୀମାନେ । ସେମାନଙ୍କ ତ୍ୟାଗ, ନିଷ୍ଠା ଓ ସେବାର ତୁଳନା ନାହିଁ । ସେମାନେ କଠିନ ପରିସ୍ଥିତିରେ ସେବା ଯୋଗାଇ ଚାଲିଛନ୍ତି । ମୁଁ ଏବଂ ମୋର ଓଡ଼ିଶାବାସୀ ଭାଇ ଓ ଭଉଣୀମାନେ ସମସ୍ତେ ଏହି ସମୟରେ ସେମାନଙ୍କ ପରିବାର ସାଥିରେ ଅଛନ୍ତି । ସେମାନେ ନିଷ୍ଠାର ସହ ସେବା କରିଚାଲିଛନ୍ତି । ସେମାନଙ୍କ ଏହି ନିଷ୍ଠାକୁ ମୁଁ ସମ୍ମାନ କରୁଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡାକ୍ତର, ପାରାମେଡିକାଲ ଓ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମାନଙ୍କ କାମରେ କେହି ବାଧା ସୃଷ୍ଟି କରନ୍ତୁ ନାହିଁ । ସେମାନେ ସବୁ ସୁଖ ସୁବିଧା ତ୍ୟାଗ କରି ଦିନରାତି କଠିନ ପରିସ୍ଥିତିରେ କାମ କରୁଛନ୍ତି । ଆମେ ସେମାନଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ତ୍ୟାଗକୁ ତାରିଫ କରିବା ଦରକାର । ଯେଉଁମାନେ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କ କାମରେ ବାଧା ସୃଷ୍ଟି କରିବେ, ସେମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବେ ନାହିଁ, ସେହି ଲୋକମାନଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପୁଲିସକୁ ନିର୍ଦ୍ଦେଶ ଦେଇଛି । ଏ ଦେଶ ଆପଣମାନଙ୍କ ସାଥିରେ ଅଛି । ଆମେ ସମସ୍ତେ ଆପଣଙ୍କ ସାଥିରେ ରହିଛୁ । ଆପଣମାନେ ସେବା ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ଆନ୍ତଃରାଜ୍ୟ ଫାଟକରେ ମାଲବାହୀ ଗାଡ଼ି ଛଡ଼ାଯାଉ

**ଭୁବନେଶ୍ୱର:** ଆନ୍ତଃରାଜ୍ୟ ତନଖି ଫାଟକରେ ଅଟକିଥିବା ମାଲଗାଡ଼ିକୁ ଛାଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦେଶବ୍ୟାପୀ ୨୧ ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣାକୁ ମୁଁ ସ୍ୱାଗତ ଜଣାଉଛି । ଓଡ଼ିଶା ସରକାର ଏଥିପାଇଁ ଅତ୍ୟାବଶ୍ୟକ ପଦକ୍ଷେପ ନେଇଛନ୍ତି । ଆନ୍ତଃରାଜ୍ୟ ତନଖି ଫାଟକରେ ସବୁ ମାଲବାହୀ ଟ୍ରକଗୁଡିକ ଅଟକି ରହିଛି । ଫଳରେ ରାଜ୍ୟକୁ ମାଲ ଆସିପାରୁ ନାହିଁ । ଏଗୁଡ଼ିକ ଛାଡ଼ିବାକୁ ଅନୁମତି ଦିଆଯାଉ । ଆନ୍ତଃରାଜ୍ୟ ଚେକ୍ ଗେଟରେ କରୋନା ଲାଗି କଟକଣା ହଟାଇବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହାଦ୍ୱାରା ଆବଶ୍ୟକ ସାମଗ୍ରୀ ଯୋଗାଣ ସହଜ ହୋଇପାରିବ । ସୂଚନାଯୋଗ୍ୟ ଯେ ଏବେ ଆନ୍ତଃରାଜ୍ୟ ତନଖି ଫାଟକ ଗୁଡ଼ିକରେ ମାଇଲ୍ ମାଇଲ ଦୂର ପର୍ଯ୍ୟନ୍ତ ଟ୍ରକଗୁଡ଼ିକ ଅଟକୀ ରହିଛନ୍ତି । ଲକ୍‌ଡାଉନ୍ ଯୋଗୁ କୌଣସି ଟ୍ରକ୍‌କୁ ଛାଡ଼ା ଯାଉନାହିଁ । ଫଳରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାଜ୍ୟକୁ ଆସିପାରୁ ନାହିଁ । ସେଥିପାଇଁ ରାଜ୍ୟରେ ଆଳୁ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇଛି ।